# Akashvani, Sambalpur

## SAMBALPURI NEWS EVENING BULLETIN

## 11 September 2024- 7.02 pm- 7.12 pm.

********************************************

୧- ଓଡ଼ିଶା ନ ଆଏବା ୧୭ ତାରିଖ୍ ଦିନ ସୁଭଦ୍ରା ଯୋଜ୍ନାର୍ ଶୁଭାରମ୍ଭ କର୍ବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ବିଧାନ୍‌ସଭା ନ ଆଏଜ୍ ସିଏଜି ରିପୋର୍ଟ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଶ୍ରମିକ୍‌ମାନ୍‌କର୍ କଲ୍ୟାଣ୍ ଲାଗି ଦିଆଯାଉଥିବା ସାହାଜ୍ ଟଙ୍କାକେ ବଢ଼ାଲେ ରାଜ୍ୟ ସର୍କାର୍ ।

୪- ଯୋଗ୍ୟ ରାସନ୍‌କାର୍ଡ଼ ହିତାଧିକାରୀ ଚିହ୍ନଟ୍ ଲାଗି ଇ-କେଓ୍ୱାଇସି ପ୍ରକ୍ରିୟା ଆଏବା ଡିସେମ୍ବର୍ ମାସ୍‌ତକ୍ ଚାଲ୍‌ବା ।

ଆଉର୍

୫- ରାଜ୍ୟର୍ ସବୁ ରାଜସ୍ୱ ଗାଁକେ ଆଏବା ମାର୍ଚ୍ଚ ମାସ୍‌ତକ୍ ବିଜ୍‌ଲି ସେବା ଯୁଗେଇ ଦିଆଯିବା- କହେଲେ ଶକ୍ତିମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ମଙ୍ଗଲ୍‌ବାର୍ ଦିନ ଓଡ଼ିଶା ଆସୁଛନ୍ । ଇ ଅବ୍‌ସରେ ସେ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଆଉ କେତେଟା କଲ୍ୟାଣ୍ ମୂଲକ୍ ଯୋଜ୍‌ନାର୍ ମୁଲ୍ କର୍‌ବାର୍ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀ ମଙ୍ଗଲ୍‌ବାର୍ ଦିନ ସଖାଲ୍‌ବେଲା ୧୧ ବାଜିକରି ୩୭ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ସେଠାନୁ ସଡ଼କ୍ ବାଟେ ୧୧ ବାଜିକରି ୫୫ ମିନିଟ୍‌ଥି ଜନ୍‌ତା ମଇଦାନ୍‌କେ ପୁହୁଁଚିବେ । ଦିନର୍ ୧୨ ନୁ ୧ ବଜେତକ୍ ପ୍ରଧାନ୍‌ମନ୍ତ୍ରୀ ଜନ୍‌ତା ମଇଦାନ୍ ନ ହେବାର୍‌କେ ଥିବାର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ସେନ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍, ଉଦ୍‌ଘାଟନ୍ ଆଉ ଲୋକାର୍ପଣ୍ କର୍‌ବେ । ଇତାର୍‌ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ଦିନର୍ ୧ ବାଜିକରି ୨୫ ମିନିଟ୍‌ଥି ନୂଆଦିଲ୍ଲୀ ଫିରିଯିବାର୍ କାର୍ଯ୍ୟସୂଚୀ ରହିଛେ ।

ବିଧାନ୍‌ସଭା -ସିଏଜି ରିପୋର୍ଟ ସୂଚନା ଲୋକସମ୍ପର୍କ ବିଭାଗ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ ଆଏଜ୍ ସିଏଜି ରିପୋର୍ଟ ଉପସ୍ଥାପନ୍ କରିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଗୃହ ନ ଓଡ଼ିଶା ଦ୍ରବ୍ୟ ଆଉ ସେବାକର ସଂଶୋଧନ୍ ବିଲ୍ -୨୦୨୪ କେ ଭିଲ୍ ବିଚାର୍ ଲାଗି ଉପସ୍ଥାପିତ୍ କରିଛନ୍ । ବିଲ୍ ସପକ୍ଷଥି ମୁଖ୍ୟମନ୍ତ୍ରୀ ନିଜର୍ ବକ୍ତବ୍ୟ ଦେଇଥିବାର୍ ବେଲେ ଇତାର୍‌ଉପ୍‌ରେ ଏଛେନ୍ ଗୃହ ନ ଆଲୋଚନା ଜାରି ରହିଛେ । ଆଲୋଚନା ଶେଷ୍ ହେବାର୍ ଉତ୍‌ରୁ ଇ ବିଧେୟକ୍ ପାରିତ୍ ହେବାର୍ ଲାଗି ମୁଖ୍ୟମନ୍ତ୍ରୀ ପ୍ରସ୍ତାବ୍ ଦେବେ ।

ନିର୍ମାଣ ଶ୍ରମିକ୍-ସହାୟତା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ମାଣ ଶ୍ରମିକ୍‌ମାନ୍‌କର୍ କଲ୍ୟାଣ୍ ଲାଗି ଦିଆଯାଉଥିବା ଭିନ୍ ଭିନ୍ ସାହାଜ୍ ଟଙ୍କା ବଢ଼ାଯାଇଛେ ବଲି ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ହେଇଥିବା ନିର୍ମାଣ ଶ୍ରମିକ କଲ୍ୟାଣ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ୍ ବୋର୍ଡ଼ ତର୍‌ଫୁ ଆଘୋନୁ ଦିଆଯାଉଥିବା ଦୁର୍ଘଟଣାଜନିତ ମୃତ୍ୟୁକାଲୀନ ସାହାଜ୍ ଟଙ୍କାକେ ୪ ଲାଖ୍‌ନୁ ୬ ଲାଖ୍‌କେ ବଢ଼ାଯାଇଛେ । ସେନ୍ତା ସ୍ୱାଭାବିକ୍ ମୃତ୍ୟୁ କ୍ଷେତ୍ରଥି ଦିଆଯାଉଥିବା ସାହାଜ୍ ଟଙ୍କାକେ ୨ ଲାଖ୍‌ନୁ ୩ ଲାଖ୍‌କେ

ବଢ଼ାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ଶ୍ରମିକ୍ ମାନ୍କର୍ ଅଭାବ୍ ଅସୁବିଧାକେ ସର୍କାର୍ ଗୁରୁତ୍ୱର୍ ସହେତେ ଧ୍ୟାନ୍ ଦଉଛନ୍ । ସେମାନ୍କର୍ ସୁବିଧା ଆଉ ଅସୁବିଧା ଲାଗି ଓଡ଼ିଶା କୋଠାବାଡ଼ି ଆଉ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ୍ ବୋର୍ଡ଼ ଗଠନ୍ କରାଯାଇଛେ । ହେଥିର୍ଲାଗି ସଭେ ତାଙ୍କର୍ ସାମାଜିକ ନିରାପତା ପାଏବାର୍ ଲାଗି ବୋର୍ଡ଼ଥି ନିଜର୍ ନିଜର୍ ନାଁ ପଞ୍ଜିକୃତ କର୍ବାର୍ ଦର୍କାର୍ । ଫି’ ଜିଲ୍ଲା ନ ଶ୍ରମିକ୍ ମାନ୍କୁ ସାହାଜ୍ କର୍ବାର୍ ଲାଗି ଶ୍ରମ ଅଧିକାରୀମାନେ କାମ୍ କରୁଛନ୍ । ମୋ ସେବା ନାଁଥି ଗୁଟେ ପୋର୍ଟାଲ୍ ଭିଲ୍ କାମ୍ କରୁଛେ । ନିର୍ମାଣ ଶ୍ରମିକଙ୍କର୍ ପରିବାର୍ର ଭବିଷ୍ୟତ୍ ବର୍କସ୍ କର୍ବାର୍ ଲାଗି ବୋର୍ଡ଼ ତର୍ଫୁ ଇ ସବୁ ସୁବିଧା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ କାର୍ଯ୍ୟକ୍ରମ୍ଥି ଶ୍ରମ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ବିଭାଗ୍ର ପ୍ରମୁଖ ଶାସନ୍ ସଚିବଙ୍କର୍ ସହେତେ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନିଯୁକ୍ତି ମେଳା          ଆର୍ଏନ୍ୟୁ / ସମ୍ବଲପୁର

ଭୁବ୍ନେଶ୍ୱର୍ର ଲୋକ୍ସେବା ଭବନ୍ର କନ୍ଭେନ୍ସନ୍ ସେଂଟର୍ ନ ଆଏବାକାଏଲ୍ ନିଯୁକ୍ତି ମେଳା ହେବା । ନିଯୁକ୍ତି ମେଳାଥି

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗ୍ରୁ ନିଯୁକ୍ତି ଲାଗି ମନୋନୀତ୍ ହେଇଥିବା ପ୍ରାର୍ଥୀମାନ୍କୁ ନିଯୁକ୍ତିପତ୍ର ବାଂଟ୍ବେ । ଇଥିର୍ଲାଗି ମନୋନୀତ ପ୍ରାର୍ଥୀମାନେ ଆଏବାକାଏଲ୍ ସଖାଲର୍ ୮ ବଜେ ଉପସ୍ଥିତ୍ ରହିକରି ନିଜର୍ ନାଁ ପଞ୍ଜିକୃତ କର୍ବାର୍କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ଫ୍ଲୋରେନ୍ସ ନାଇଟିଂଗଲ୍-୨୦୨୪ ପୁରସ୍କାର

ଆର୍ଏନ୍ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ୍ ନ ଆଏଜ୍ ଜାତୀୟ ଫ୍ଲୋରେନ୍ସ ନାଇଟିଂଗଲ୍-୨୦୨୪ ପୁରସ୍କାର୍ ଦେଇଛନ୍ । ସ୍ୱାସ୍ଥ୍ୟସେବା କ୍ଷେତ୍ରୁ ଉତ୍କର୍ଷ ପ୍ରତିପାଦ୍ନ୍ କରିଥିବା ନର୍ସ ମାନ୍କୁ ଇ ପୁରସ୍କାର୍ ଦିଆଯାଏସି । ଇ ବଛର୍ ସାରା ଦେଶ୍ନୁ ୧୫ ଝନ୍କୁ ଇ ପୁରସ୍କାର୍ ଦିଆଯାଇଛେ । ସେଥିର୍ଭିତ୍ରେ ମାଲ୍କାନ୍ଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ କାମ୍ କରୁଥିବା ନର୍ସିଂ ଅଧିକାରୀ ସଂଯୁକ୍ତା ସେଠୀଙ୍କୁ ଭିଲ୍ ପୁରସ୍କୃତ୍ କରାଯାଇଛେ । ଇ ସମ୍ମାନ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଂଯୁକ୍ତାଙ୍କୁ ହାର୍ଦ୍ଦିକ୍ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ସ୍ୱାସ୍ଥ୍ୟସେବା କ୍ଷେତ୍ରୁ ତାଙ୍କର୍ ତ୍ୟାଗ, ନିଷ୍ଠା ଆଉ ଜନସେବା ମହିଳା ସଶକ୍ତିକରଣ୍ର

ଗୁଟେ ବଡ଼ ଉଦାହରଣ୍ ବଲି ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ଥି କହିଛନ୍ ।

ବିଧାନ୍ସଭା-ବିଜୁଲି ସେବା ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ସବୁ ରାଜସ୍ୱ ଗାଁକେ ଆଏବା ମାର୍ଚ୍ଚ ମାସ୍ତକ୍ ବିଜୁଲି ସେବା ଯୁଗେଇ ଦିଆଯିବା ବଲି ଶକ୍ତିମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍ସଭାଥି ଶ୍ରୀ ସିଂହଦେଓ କହିଛନ୍ ଯେ, ବାକିଥିବା ବିଦ୍ୟୁତ୍ ଦେୟ ଦେବାର୍ ଲାଗି ରାଜ୍ୟ ସର୍କାର୍ ଇ ବଜେଟ୍ଥି ନୂଆଁ ବ୍ୟବସ୍ଥା କରିଛନ୍ । ରାଜ୍ୟର୍ ପଂଚାୟତ୍ମାନ୍କୁ ଇ ବାବ୍ଦେ ଶହେ ୫ କୋଟି ଟଙ୍କା ଦିଆଯାଉଛେ । ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର୍ ଯୋଜ୍ନାଥି ହିତାଧିକାରୀମାନେ ମାସ୍କ ୩ ଶହ ୟୁନିଟ୍ତକ୍ ମାହାଲିଆ ବିଜ୍ଲି ବେଭାର୍ କର୍ବାର୍ ବ୍ୟବସ୍ଥା ରହିଛେ । ହେଲେ ୩ ଶହ ୟୁନିଟ୍ନୁ କମ୍ ବେଭାର୍ ହେଉଥିଲେ ବାକି ବିଜ୍ଲିକେ ବିକ୍ରି କରାଯାଇପାର୍ବା ବଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ସ୍ମାର୍ଟ ମିଟର୍ ବାବ୍ଦେ କେନ୍ସି ଅଭିଯୋଗ୍ ଥିଲେ ବିତରଣ୍ କମ୍ପାନୀକେ ଲିଖିତ୍ ଆକାରେ ଜନାବାର୍କେ ମନ୍ତ୍ରୀ ଶ୍ରୀ ସିଂହଦେଓ ପରାର୍ଶ ଦେଇଛନ୍ । ଏତ୍କେ ଫି ୩ ମାସେ ଥରେ ଜିଲ୍ଲାସ୍ତରୀୟ ଡିଇସି ବୈଠକ୍ ହେବା ବଲି ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା- ଗୋଶାଲା ନିର୍ମାଣ          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨ ଶହ ଗୋଶାଲା ତିଆର୍ କରାଯିବାର୍ ଲକ୍ଷ୍ୟ ଅଛେ ବଲି ମତ୍ସ୍ୟ ଆଉ ପଶୁସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ବିଧାନ୍‌ସଭାଥି ଇ ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଗୋମାତାଙ୍କର୍ ସୁରକ୍ଷା ଲାଗି ସର୍‌କାର୍ ଇ ପଦକ୍ଷେପ୍ ନେଉଛନ୍ । ଯୋଗାଣ ନିର୍ମାଣ୍‌କେ ତହଁକାବାର୍ ଲାଗି ସର୍‌କାର୍ ଋଣ ଦଉଛନ୍ । ଦର୍‌କାର୍ ପଡ଼୍‌ଲେ ୯୦ ପ୍ରତିଶତ୍‌ତକ୍ ଋଣ ଛାଡ଼୍‌ର ବ୍ୟବସ୍ଥା ରହିଛେ । ଗୋରୁ ଗାଇଙ୍କର୍ ପିଛା ଫି' ଦିନ ୫୪ ଟଙ୍କା ଗୋଖାଦ୍ୟ ଲାଗି ଦିଆଯିବା ବଲି ମନ୍ତ୍ରୀ କହିଛନ୍ । ପାହାଡ଼ିଆ ଇଲାକା ନ ଘାସ୍ ଚାଷ୍‌କେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ଏକର୍ ପିଛା ୩୫ ହଜାର୍ ଟଙ୍କାର୍ ସବ୍‌ସିଡ଼ି ଦେବାର୍ ବ୍ୟବସ୍ଥା କରିଛନ୍ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ରକଳ୍ପ          ସୂଚନା ଲୋକସମ୍ପର୍କ ବିଭାଗ୍

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ରକଳ୍ପ ବାବ୍‌ଦେ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ ।  ଇଥି ରିନ୍ୟୁ ଗ୍ରୀନ୍ ଏନର୍ଜି ଗ୍ରୁପ୍‌ର ପ୍ରତିନିଧି

ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ୨୦୩୦ ମସିହାତକ୍ ରାଜ୍ୟର୍ ୩ ଟା ଜାଗା ନ ୩ ଟା ପ୍ରକଳ୍ପ ଜରିଏ ବଛରକ ୧ ମେଟ୍ରିକ୍ ଟନ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତ୍ କରାଯିବା । ପାରାଦ୍ୱୀପ୍‌ର ଗ୍ରୀନ୍ ଆମୋନିଆ, ରାୟଗଡ଼ା ଆର୍ ମାଲ୍‌କାନ୍‌ଗିରିର ଗ୍ରୀନ୍ ମିଥାନଲ୍ ପ୍ଲାଂଟ୍ ନ ଇ ପ୍ରକଳ୍ପ ହେବା । ଇସବୁ ପ୍ରକଳ୍ପ ତିଆର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସାହାଜ୍ ଦର୍‌କାର୍ ବଲି ରିନ୍ୟୁ ଏନର୍ଜିର ପ୍ରତିନିଧି କହିଛନ୍ । ସେନ୍ତା ଓଡ଼ିଶା ନ ଗଛିତ ଥିବା ଅକ୍ଷୟ ଶକ୍ତିକେ ବେଭାର୍ କରିକରି ସବୁଜ ବିଦ୍ୟୁତ୍ ଉତ୍ପାଦନ୍, ଗ୍ରୀନ୍ ଆମୋନିଆ, ଗ୍ରୀନ୍ ମିଥାନଲ୍ ପ୍ଲାଂଟ୍ କର୍‌ବାର୍‌କେ ରିନ୍ୟୁ ଗ୍ରୀନ୍ ଏନର୍ଜି ଯୋଜ୍‌ନା କରିଛେ ବଲି ରିନ୍ୟୁ ଗ୍ରୁପ୍‌ର ପ୍ରତିନିଧି - ଶକ୍ତିମନ୍ତ୍ରୀଙ୍କୁ ଜନେଇଥିଲେ । ଇସବୁ ସବୁଜ ପ୍ରକଳ୍ପ ହେଲେ ରାଜ୍ୟର୍ ଅର୍ଥନୈତିକ୍ ଅଭିବୃଦ୍ଧି ହେବାର୍ ସହେତେ ଆଖର୍‌ପାଖର୍ ଇଲାକାର୍ ବିକାଶ୍ ହେବା । ସର୍‌କାର୍ ଇ ଦିଗେ ସଚେତନ୍ ଅଛନ୍ ଆର୍ ଇଟାକେ ଆଗ୍‌କେ ନେବାର୍ ଲାଗି ସବୁପ୍ରକାର୍ ସାହାଜ୍ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ରାସନ୍ କାର୍ଡ଼ -ଇ-କେଓ୍ୱାଇସି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଯୋଗ୍ୟ ରାସନ୍ କାର୍ଡ଼ ହିତାଧିକାରୀ ଚିହ୍ନଟ୍ ଲାଗି ଇ-କେଓ୍ୱାଇସି ପ୍ରକ୍ରିୟା ଆଏବା ଡିସେମ୍ବର୍ ମାସ୍‌ତକ୍

ଚାଲ୍‌ବା ବଲି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଶ୍ରୀ ପାତ୍ର ଗଣମାଧମ୍ ପ୍ରତିନିଧି ମାନ୍‌କୁ କହିଛନ୍ ଯେ, ଇ ପ୍ରକ୍ରିୟାଥି ଏଛେନ୍‌ତକ୍ ପାଖାପାଖି ୧୬ ନୁ ୧୭ ଲାଖ୍ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ୍ ହେଇସାର୍‌ଲେନ । ଇମାନ୍‌କର୍ ସଂଖ୍ୟା ଆଗ୍‌କେ ଆହୁରି ଅଏତ୍‌କା ହେଇପାରେ । ଇ-କେଓ୍ୱାଇସି ଲାଗି ପ୍ରବାସୀ ଓଡ଼ିଆମାନ୍‌କୁ ଓଡ଼ିଶା ଆସ୍‌ବାର୍ ଦର୍‌କାର୍ ନାଇଁନ । ସେମାନେ ନିଜର୍ ଜାଗା ନ ରହିକରି ଭିଲ୍ ଇ-କେଓ୍ୱାଇସି କରିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ୱଷ୍ଟ କରିଛନ୍ ।

ମୁଖ୍ୟ ଶାସନ୍ ସଚିବ ସୂଚନା ଲୋକସମ୍ପର୍କ ବିଭାଗ୍

ରାଜ୍ୟର୍ ସବୁ ସହର୍ ଆର୍ ଗାଁ ଇଲାକା ନ ଥିବା ସ୍କୁଲ୍ ମାନ୍‌କେ ପିଇବାର୍ ପାଏନ୍ ସୁବିଧା, ଶୌଚାଳୟ, ବର୍ଷା ପାଏନ୍ ସଂରକ୍ଷଣ୍‌ର ସୁବିଧାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଜୋର୍ ଦେଇଛନ୍ । ଇତାକେ ନେଇକରି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧକ୍ଷତାଥି ଭିନ୍ ଭିନ୍ ବିଭାଗ୍ ସାଙ୍ଗେ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ରାଜ୍ୟର୍ ଯେନ୍ ସବୁ ସ୍କୁଲ୍ ମାନ୍‌କେ ଇସବୁର ବ୍ୟବସ୍ଥା ନାଇଁନ ସେଠାନେ ଇ ସବୁ ବ୍ୟବସ୍ଥାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ମୁଖ୍ୟ ଶାସନ୍

ସଚିବ ସମ୍ପୃକ୍ତ ବିଭାଗ୍ ଆଉ ନିର୍ମାଣ୍‌କାରୀ ସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଆଉ ପରାମର୍ଶ ଦେଇଛନ୍ ।

ଦୁଗ୍ଧ ଚାଷୀଙ୍କ ପାଇଁ ଦିନଟିଏ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର ପରମେଶ୍ୱରୀ ଦୁଗ୍ଧ ସମବାୟ ସମିତି କରଡ଼ାପାଲ୍‌ଠାନେ ଦୁଗ୍ଧ ଚାଷୀ ମାନ୍‌କର୍ ଜୀବିକା ଆଉ ଆର୍ଥିକ୍ ଅଭିବୃଦ୍ଧି ଲାଗି 'ଦୁଗ୍ଧ ଚାଷୀଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ବୀର୍‌ମହାରାଜ୍‌ପୁର୍ ବ୍ଲକ୍‌ର ଅମର୍‌ପାଲି, କଦ୍‌ଲିପାଲି, ଖଁଡ଼୍‌ହତା, କରଡ଼ାପାଲ୍ ଆର୍ ବଡ଼ମାଲ୍ ବାଗିର୍ ସମିତି ମାନ୍‌କେ ଡକ୍ୟୁମେଂଟରୀ ଫିଲ୍ମ ଜରିଏ ସଚେତନ୍ କରାଯାଇଥିଲା ।

ବନ ଶହୀଦ୍ ଦିବସ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଅଣଗେଜେଟେଡ଼୍ ବନସେବା ସଂଘ ତର୍‌ଫୁ ବାମଣ୍ଡା ନର୍ସରୀ ଠାନେ ବନ ଶହୀଦ୍ ଦିବସ୍ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ସେନ ଥିବା ଶହୀଦ୍ ସ୍ତମ୍ଭ ନ ଅତିଥି ଆଉ ବନ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।  ଜଙ୍ଗଲ୍ ନିଆଁ ଲିଭାଲା ବେଲେ, ବନ୍ୟପ୍ରାଣୀ ଆକ୍ରମଣ୍ ସମିଆଥି, ଜଙ୍ଗଲ୍

ସୁରକ୍ଷା ଲାଗି ଜୀବନ୍ ଯାଇଥିବା ବନ କର୍ମଚାରୀମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

ଆଧାର୍‌କାର୍ଡ଼ ଅପ୍‌ଡେଟ ଆର୍‌ଏନ୍‌ୟୁ/ କଟକ୍

୧୦ ବଛରର୍ ପୁର୍‌ନା ଆଧାର୍‌କାର୍ଡ଼କେ ଅପ୍‌ଡେଟ୍ କର୍‌ବାର୍ ଲାଗି ଭାରତୀୟ ଏକକ ପରିଚୟ ପ୍ରାଧିକରଣ୍ ୟୁଆଇଡିଏଆଇ ତର୍‌ଫୁ କୁହାଯାଇଛେ । ମାହାଲିଆ ଅପ୍‌ଡେଟ୍ ଲାଗି ଆଏବା ୧୪ ତାରିଖ୍ ଦିନ ଶେଷ୍ ତାରିଖ୍ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଏଜେ ବର୍ଷା ଜାରି ରହିଛେ । ଆଏବା କାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ସମୁଦ୍ରଖଁଡ଼ି ଇଲାକା ଆର୍ ଉତର୍ ଓଡ଼ିଶାର୍ ୧୪ ଟା ଜିଲ୍ଲା ନ ବର୍ଷା ହେଇପାରେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛେ ।